# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 February - 2026

*********************************

## ମୁଖ୍ୟ ସମ୍ବାଦ

- ସେବା ଓ ସୁଶାସନକୁ ପ୍ରାଥମିକତା ପ୍ରଦାନ କରି ସରକାର ରାଜସ୍ୱ ପରିଚାଳନା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହେଉଛି ଦୁଇଦିନିଆ ବ୍ଲାକସ୍ୱାନ ସମ୍ମିଳନୀ

– ଆସନ୍ତାକାଲି ଯୋଗଦେବେ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ

- ୭ଟି ଜିଲ୍ଲା ସମେତ ୨୪ଟି ସ୍ଥାନର ଇଂରାଜୀ ନାମ ସଂଶୋଧନ ନେଇ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କଲା ରାଜସ୍ୱ ବିଭାଗ

ଏବଂ

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ବୃଦ୍ଧି ପାଇଲା ଆବେଦନର ସମୟସୀମା

Desk

## ରାଜସ୍ୱ ସେବା- ହ୍ୱାଟ୍ସଆପ୍

ସେବା ଏବଂ ସୁଶାସନକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ପରିଚାଳନା କ୍ଷେତ୍ରରେ ବ୍ୟାପକ ସଂସ୍କାର ଅଣାଯାଇଛି । ସମସ୍ତ ତହସିଲରେ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଖୋଲାଯିବା ଦ୍ୱାରା ଜମି ପଞ୍ଜୀକରଣ, ଉତ୍ତରାଧିକାରୀ ପରିବର୍ତ୍ତନ, ଜମି ଚିହ୍ନଟ ପ୍ରକ୍ରିୟା ଅଧିକ ସହଜ ଓ ସରଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟ ନେଇ ଜମିଜମି ରେକର୍ଡର ଶତ ପ୍ରତିଶତ କମ୍ପ୍ୟୁଟରୀକରଣ, ଇ-ରେଜିଷ୍ଟ୍ରେସନ୍ ମୋବାଇଲ ଆପ୍ ପ୍ରଚଳନ ଏବଂ ନକ୍ସା ଡିଜିଟାଇଜେସନ୍ ଦ୍ୱାରା ତ୍ୱରିତ ଜମିପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

**- V/O -**

ଏହି ଅବସରରେ ଶ୍ରୀ ମାଝୀ ରାଜସ୍ୱ ସେବା ପ୍ରଦାନ ପାଇଁ ଉଦ୍ଦିଷ୍ଟ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍'ର ଉନ୍ମୋଚନ କରିବା ସହ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି ।

BBSR/R

## ଇଂରାଜୀ ନାମ ସଂଶୋଧନ

ରାଜ୍ୟର ମୋଟ ୧୧ଟି ଜିଲ୍ଲାର ୨୪ଟି ସ୍ଥାନର ଇଂରାଜୀ ନାମ ସଂଶୋଧନ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିମଧ୍ୟରେ ୭ଟି ଜିଲ୍ଲାର ନାମ ସହିତ ୧୧ଟି ବ୍ଲକ ଓ ତହସିଲ, ୪ଟି ଉପଖଣ୍ଡ ଏବଂ ୨ଟି ମ୍ୟୁନ୍‌ସିପାଲିଟି ରହିଛି। ଏହି ସ୍ଥାନଗୁଡ଼ିକର ଇଂରାଜୀ ନାମ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବାରୁ ଏବଂ ମୂଳ ଓଡ଼ିଆ ନାମର ଅନୁରୂପ ହୋଇ ନ ଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ତେବେ ନାମ ପରିବର୍ତ୍ତନ ନେଇ ଆପତ୍ତି ଅଭିଯୋଗ ଥିଲେ ୧୫ ଦିନ ମଧ୍ୟରେ ଆବଶ୍ୟକ ନଥିପତ୍ର ସହ ଦାଖଲ କରିବାକୁ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ୭ଟି ଜିଲ୍ଲା ମଧ୍ୟରେ ଦେବଗଡ଼, ଖୋର୍ଦ୍ଧା, ଅନୁଗୁଳ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ନୟାଗଡ଼ ରହିଛି।

HS

## ବାଣିଜ୍ୟ ଚୁକ୍ତି

ଭାରତ ଆମେରିକା ନୂତନ ବାଣିଜ୍ୟ ଚୁକ୍ତି ଓଡ଼ିଶାକୁ ସୁଫଳ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟର ସାମୁଦ୍ରିକ ଖାଦ୍ୟ ଅର୍ଥନୀତିକୁ ଏହା ଗତିଶୀଳ କରିବ। ଉପକୂଳ ଅଞ୍ଚଳର ମତ୍ସ୍ୟଜୀବୀ ଏବଂ ଚାଷୀଙ୍କର ଆୟବୃଦ୍ଧି ପାଇବା ସହ ଓଡ଼ିଶା ନୀଳ ଅର୍ଥନୀତିର ଏକ ପ୍ରମୁଖ କେନ୍ଦ୍ର ପାଲଟିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ର ଏହି ଚୁକ୍ତିଦ୍ୱାରା ଆନ୍ତର୍ଜାତିକ କ୍ଷେତ୍ରରେ ଅଧିକ ବିସ୍ତାର

ଲାଭ କରିବ ବୋଲି ସେ କହିଛନ୍ତି । ଆମେରିକା ଶୁଳ୍କ କୋହଳ କରିଥିବାରୁ ରପ୍ତାନୀ ବୃଦ୍ଧି ପାଇବା ସହ ଓଡ଼ିଶାର କାରିଗର ଏବଂ ଲଘୁ ଉଦ୍ୟୋଗ କ୍ଷେତ୍ର ପାଇଁ ନୂତନ ମାର୍ଗ ଉନ୍ମୁକ୍ତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

Kandhamal

## ପ୍ରାଣୀ ସମ୍ପଦ ମନ୍ତ୍ରୀ କନ୍ଧମାଳ ଗସ୍ତ

କେନ୍ଦ୍ର ବଜେଟ୍ ରାଜ୍ୟ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଦିନିକିଆ କନ୍ଧମାଳ ଗସ୍ତରେ ଯାଇ ସର୍କିଟ୍ ହାଉସ୍‌ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି, ଗୋପାଳପୁର–ରେଢ଼ାଖୋଲ ରେଳପ୍ରକଳ୍ପ ପାଇଁ ନୂତନ ଡିପିଆର୍ ପ୍ରସ୍ତୁତ ହୋଇସାରିଛି । ଏହା ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ । ଏହାଦ୍ୱାରା କନ୍ଧମାଳ ଜିଲ୍ଲାର ଆର୍ଥିକ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି ।

**- V/O -**

ପରେ ଜି.ଉଦୟଗିରି ଶିଶିର ମହୋତ୍ସବରେ ଯୋଗଦେଇ ଶ୍ରୀ ମଲ୍ଲିକ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ ।

Desk

## ଆନ୍ତଃ ଅଭିଯୋଗ କମିଟି

ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହିଥିବା ଆନ୍ତଃ ଅଭିଯୋଗ କମିଟି ସମ୍ପର୍କିତ ତଥ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି । ସମସ୍ତ

ବିଶ୍ୱବିଦ୍ୟାଳୟର କୁଳସଚିବ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷକଙ୍କୁ ଏ ନେଇ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି । କମିଟିର ସଦସ୍ୟ ହସ୍ତଗତ ହୋଇଥିବା ଅଭିଯୋଗ ଗୁଡ଼ିକର ସମାଧାନ ପ୍ରକ୍ରିୟା ଏବଂ ଏ ଦିଗରେ ସଚେତନତା ବୃଦ୍ଧି ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ତଥ୍ୟ ଆସନ୍ତା ଶନିବାର ସୁଦ୍ଧା ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

BBSR/R

## କୁଳପତି କାର୍ଯ୍ୟକାଳ

ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି କରାଯାଇଛି । ଲୋକଭବନ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଛଅ ମାସ ସମୟ ଅବଧି ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ନେଇ ବିଜ୍ଞପ୍ତିରେ କୁହାଯାଇଛି ।

Desk

## ବ୍ଲକ ସ୍ୱାନ୍ ସମିଟ୍

ଭାରତ ନେତ୍ର ପଦକ୍ଷେପ ଅଧୀନରେ ଭୁବନେଶ୍ୱରଠାରେ ଆଜିଠାରୁ ଦୁଇଦିନିଆ ବ୍ଲକ ସ୍ୱାନ୍ ସମିଟ୍ ଆରମ୍ଭ ହୋଇଛି । କୃତ୍ରିମ ବୁଦ୍ଧିମତା, ଫିନଟେକ୍ ଏବଂ ଇନ୍ସିୟୋରଟେକ୍ କ୍ଷେତ୍ରରେ ଓଡ଼ିଶାକୁ ଏକ କେନ୍ଦ୍ର ଭାବେ ସ୍ଥାନିତ କରିବାକୁ ଏହି ସମ୍ମିଳନୀ ମଞ୍ଚ ପ୍ରଦାନ କରିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଦେଶରେ ପ୍ରଥମଥର

ପାଇଁ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ୨୪ଟି ଦେଶର ୧୭ ଶହରୁ ଅଧିକ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରୁଛନ୍ତି। ରାଜ୍ୟର ୨୦୩୬– ୨୦୪୭ ଦୃଷ୍ଟିକୋଣ ଆଧାରିତ ପ୍ରଯୁକ୍ତିବିଦ୍ୟା ଅର୍ଥନୀତି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର କାର୍ଯ୍ୟକାରିତାରେ ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା କରାଯାଉଛି। ୫ଟି ମହାଦେଶର ପ୍ରାୟ ୧୦୦ ଜଣ ବକ୍ତା ବିଶ୍ୱସ୍ତରୀୟ ଅର୍ନ୍ତଦୃଷ୍ଟି ଓ ନବସୃଜନଶୀଳ ପଦକ୍ଷେପ ଉପରେ ସମ୍ମିଳନୀରେ ଆଲୋକପାତ କରିବେ। ଦକ୍ଷତା ବିକାଶ ଏବଂ ନିଯୁକ୍ତି କ୍ଷେତ୍ର ତଥା ଯୁବପିଢ଼ିଙ୍କ ବୃତ୍ତିଗତ କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ ଲକ୍ଷ୍ୟ ନେଇ ସମ୍ମିଳନୀ ଅବସରରେ ଏକ ନିଯୁକ୍ତିମେଳାର ଆୟୋଜନ କରାଯାଇଛି।

HS

## ମୁଖ୍ୟମନ୍ତ୍ରୀ– ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬ ପାଇଁ ଆବେଦନର ସମୟସୀମା ବୃଦ୍ଧି କରାଯାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ଆବେଦନ କରାଯାଇପାରିବ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୱେବସାଇଟ୍ ମାଧ୍ୟମରେ ଆବେଦନ କରିବାକୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

Jajpur

## ଟ୍ରେନ୍ ବଗି ଲାଇନଚ୍ୟୁତ

ଯାଜପୁର ଜିଲ୍ଲା ଜଖପୁରା ରେଳଷ୍ଟେସନ୍‌ଠାରେ ଆଜି ସକାଳେ ଚେନ୍ନାଇ–ନ୍ୟୁଜଲପାଇଗୁଡ଼ି ଦ୍ରୁତଗାମୀ ଟ୍ରେନ୍‌ର ଚାରୋଟି ବଗି ଲାଇନଚ୍ୟୁତ ହୋଇଛି । ତେବେ ଏଥିରେ କେହି ଯାତ୍ରୀ ମୃତାହତ ହୋଇନାହାଁନ୍ତି । ସେହି ପଥରେ ଟ୍ରେନ୍ ଚଳାଚଳ ମଧ୍ୟ ସ୍ୱାଭାବିକ ରହିଛି । ଲାଇନ୍‌ଚ୍ୟୁତ ହୋଇଥିବା ବଗିଗୁଡ଼ିକୁ ଅଲଗା କରାଯାଇ ମୋଟ ଅନ୍ୟ ୧୮ଟି ବଗିକୁ ପୁନଃସଂଯୋଗ ସହ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଛି । ଏହି ଦୁର୍ଘଟଣା ଯୋଗୁଁ ସେହି ରେଳପଥରେ ଅନ୍ୟ ଟ୍ରେନ୍‌ଗୁଡ଼ିକର ଯାତାୟାତ ବିଳମ୍ବିତ ହୋଇଥିବା ବେଳେ କେତେକ ଟ୍ରେନର ଗତିପଥରେ ପରିବର୍ତ୍ତନ କରାଯାଇଛି ।  ରେଳବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଁଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଦୁର୍ଘଟଣାର କାରଣ ନେଇ ଆଲୋଚନା କରିଛନ୍ତି । ତେବେ ବିଧିବଦ୍ଧ ତଦନ୍ତ ପରେ କାରଣ ଜଣାପଡ଼ିବ ବୋଲି ରେଳବାଇ କହିଛି ।

Koraput

## ମାଓବାଦୀ ଆତ୍ମସମର୍ପଣ

ବେଆଇନ ଘୋଷିତ ସି.ପି.ଆଇ.ଏମ୍. ସଂଗଠନର ଜଣେ ମହିଳା କ୍ୟାଡର ମମତା ପୋଡ଼ିଆମି ଓରଫ ମମିତା ଓରଫ ସୋନି ଆଜି କୋରାପୁଟ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି । ଦକ୍ଷିଣ-ପଶ୍ଚିମ ରେଞ୍ଜ କୋରାପୁଟ ଡି.ଆଇ.ଜି.' କେ.ବି. ସିଂହଙ୍କ ସମ୍ମୁଖରେ ଆତ୍ମସମର୍ପଣ ବେଳେ ମମିତା ଏକ ବନ୍ଧୁକ ସହ ୧୦ ରାଉଣ୍ଡ ଗୁଳି ହସ୍ତାନ୍ତର କରିଛି । ଛତିଶଗଡ଼ ବିଜାପୁର ଜିଲ୍ଲାର ପାମେଡ଼ ଥାନା ଅନ୍ତର୍ଗତ ଲିଙ୍ଗାପୁରମ୍ ଗାଁର

ବାସିନ୍ଦା ମମିତା ବହୁ ମାଓବାଦୀ କାର୍ଯ୍ୟକଳାପରେ ଜଡ଼ିତ ରହିଥିଲା। ହିଂସାର ପଥ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଲକ୍ଷ୍ୟ ନେଇ ମମିତା ଆତ୍ମସମର୍ପଣ କରିଥିବା ପୁଲିସ କହିଛି। ମମିତାଙ୍କ ଆତ୍ମସମର୍ପଣ ମାଓବାଦୀ କାର୍ଯ୍ୟକଳାପକୁ ବହୁ ପରିମାଣରେ ପ୍ରତିହତ କରି ବୋଲି ପୁଲିସ ଆଶାବ୍ୟକ୍ତ କରିଛି।

Ganjam

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାରେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ନେଇ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ ସମୀକ୍ଷା କରିଛନ୍ତି। ଗୁଣବତ୍ତା ସମ୍ପନ୍ନ ସେବା ପ୍ରଦାନ କରିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି। ଭି.ବି.-ଜି.ରାମ.ଜି., ଗ୍ରାମୀଣ ଅନ୍ତୋଦୟ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦିର ଅଗ୍ରଗତି ନେଇ ସମ୍ପୃକ୍ତ ଅଧିକାରୀ ଏବଂ ବିଧାୟକଙ୍କ ସହ ମନ୍ତ୍ରୀ ଶ୍ରୀ ନାଏକ ମତବିନିମୟ କରିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜାରି ରହିଥିବା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବୈଠକରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାଲ୍ୟ ବିବାହ ପ୍ରଥାର ଉଚ୍ଛେଦ ଲକ୍ଷ୍ୟ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରୀପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦେଇ ବାଲ୍ୟବିବାହକୁ ପ୍ରତିହତ କରିବା ଲକ୍ଷ୍ୟରେ ରହିଥିବା ଆଇନ ଏବଂ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଆଦି କ୍ଷେତ୍ରଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି।